# Vidya Shakti Jagaran
# ବିଦ୍ୟାଶକ୍ତି ଜାଗରଣ

A QUARTERLY NEWS LINE OF VIDYA SHAKTI NIYAS

March - 2014


## Editor's Page...

Winds of change are blowing across lahanda, Mutuda, Kaliabeda etc., where a new progressive guidance is leading the residents of those villages on a new path of development.

Several schemes are being run in the sectors of health, education, welfare of the poor and the underprivileged, keeping in view the special needs of all the inhabitants be it educational aid, water availability or health aid schemes and programmes. We are glad to note the spectacular results that have been achieved by our endeavor, giving new confidence to the people about their future.

The transformation in each sector is extremely rewarding and inspiring. It is with a sense of fulfillment that VSN advances with new schemes and training programmes to make the villages self-sufficient and independent.

Today lahanda's lush green fields are a testimony to the green revolution of a variety of vegetables and crops where earlier there was little farming done.

## ସମ୍ପାଦକୀୟ ପୃଷ୍ଠା


ବର୍ତ୍ତମାନ କାଳିଆବେଦା, ମୁତୁଡ଼ା ଓ ଲହଣ୍ଡାରେ ପରିବର୍ତ୍ତନର ଆବ୍‌ହାୱା ବୋହୁଛି । ଏକ ପରିବର୍ତ୍ତନଶୀଳ ପଥରେ ଗ୍ରାମବାସୀମାନଙ୍କୁ ଅଗ୍ରସର ହେବାକୁ ଏହା ପଥ ଦେଖାଉଛି ।


ଶିକ୍ଷା, ସ୍ୱାସ୍ଥ୍ୟ ଓ ଗରିବମାନଙ୍କ ଉନ୍ନତି ନିମନ୍ତେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ବିଶେଷ କରି ଅନୁନ୍ନତ ବର୍ଗର ଲୋକମାନଙ୍କ ଆବଶ୍ୟକତାକୁ ଆଖି ଆଗରେ ରଖି ଶିକ୍ଷା, ଜଳ ଓ ସ୍ୱାସ୍ଥ୍ୟ ସହାୟତା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି । ଆମମାନଙ୍କ ପାଇଁ ଖୁସିର କଥା ଯେ ଆଖି ଦୃଶିଆ ଫଳାଫଳ ଏହା ଉପରେ ମିଳିଲାଣି । ଫଳରେ ଲୋକମାନଙ୍କ ଉନ୍ନତି ପାଇଁ ଭବିଷ୍ୟତରେ ସୁଫଳ ନିଶ୍ଚିତ ମିଳିବ ବୋଲି ଜଣାପଡ଼ିଲାଣି । ପ୍ରତ୍ୟେକ କ୍ଷେତ୍ରରେ ପରିବର୍ତ୍ତନ ଯେପରି ଉତ୍ସାହପ୍ରଦସେପରି ଫଳପ୍ରଦ । ଭି.ଏସ୍.ଏନ୍. ତରଫରୁ ନୂତନ କାର୍ଯ୍ୟକ୍ରମ ହାତକୁ ନେବା ଫଳରେ ଗ୍ରାମବାସୀମାନେ ଆତ୍ମନିର୍ଭରଶୀଳ ଓ ସ୍ୱାଧୀନତାର ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହୋଇଛନ୍ତି ।


ଅତୀତରେ ଯେଉଁ ଗ୍ରାମରେ ସାମାନ୍ୟ ଫଳ ଫସଲ ଉପୁଜାଇ ପାରୁଥିଲା ସେହି ଲହଣ୍ଡା ଗ୍ରାମ ଆଜି ସବୁଜିମାରେ ଭରିଯାଇଛି । ଜଣାପଡୁଛି ଫଳ ପନିପରିବାରେ ଗ୍ରାମଟିରେ ସବୁଜ ବିପ୍ଳବ ଦେଖାଦେଇଛି ।

## Kindling the Lamp of Knowledge

VSN conducted several extracurricular activities for the students of Lahanda Munda Sahi Primary School such as drawing competition, fancy dress competition. The creativity and innovation of the children was spellbinding. Children came up with novel ideas of dressing up as Mahatma Gandhi, Cowherd, Tiger, lord Shiva etc.










*It is a great ability to be able to conceal one's ability.* - Cicero

Teacher's day was celebrated with a lot of show and adoration. Speeches were delivered by students showing their respect and gratitude to teachers. Short cultural programmes were conducted by all the schools patronized by VSN: Iahanda Munda Sahi Primary School, Shishu Prem Nursery School, Adyasha Music School and Amrapali Dance School. The talented children offered their talents and skills as tributes to their teachers whom they acknowledge as their guides and mentors. VSN recognized all the Teachers with tokens of appreciation for their sincere and devoted commitment to children. It was a proud day for Iahanda Munda Sahi Primary School and Vidya Shakti Niyas when Master Jagmohan Munda and Master Sashi Munda received scholarships for one year from the Govt. of Odisha. The DI of Champua honoured these students.






Education cannot be complete without sports. VSN holds an Annual Sports Day for the children of Lahanda Munda Sahi Primary School. The track and field events take the lead wherein the children compete with each other with tremendous zeal and prowess. The favorite events of the competitors and the spectators were: 100 Mtrs Race-Boys/Girls, 50 Mtrs Race - Boys/Girls, long Jump-Boys/Girls, High Jump-Boys/Girls, Puchi Khel-Girls, Blind fold Race-Boys and Musical Chair - Girls. The winners were all recognized with prizes and trophies.

Educational Aids such as Tables, Chairs, Maps, Books, Dictionaries, Globes, Chalks, Dusters, Steel Almirahas have been provided to Iahanda Primary School, Munda sahi, Birikala M.E. School, Birikala Primary School, Mutuda Anganwadi, Iahanda Mini Anganwadi etc.

## Health Talk

Health and hygiene of the villagers is scrupulously monitored by VSN. Around 48 Medical Camps were conducted in the previous year under the expert guidance of Dr, Arabinda Panda a dedicated doctor. Almost 2500 patients were treated and given free





medicines following their check up.





Regular distributions of medicated soap, coconut oil, washing soap are made to Kaliabeda Ańganwadi, lahanda Anganwadi, lahanda Munda Sahi Primary School, Rupa Sahi Anganwadi etc. to ensure personal cleanliness and hygiene.

VSN also provides Rice Flake Powder to all the nearby anganwadis for the children's health and growth. To maintain good health of mothers, Family Planning Camps are organized to bring awareness about a small healthy and happy family. VSN also distributes contraceptive oral pills to keep the required gap between two issues. It is rewarding to note that around 100 women have adopted family planning methods to ensure happy families.





The 3rd Rural Shishu Kalyan Pratiyogita was held on 11th January 2014 at the Community Centre of Lahanda Munda Sahi. Dr, Bharati Behera, Medical Consulatant of TSIL presided over the baby show and judged the children from 0-3 years according to the accepted parametres of ideal weight, growth and psycho-somatic responses. Total no. of participants were 147, out of which 68 children were the finalists. This annual feature has brought considerable improvement in child-rearing and over-all health of children of the villages.



## Enterprise

Lahanda has now become a rice growing region. VSN orgaised a Hybrid Rice Training for the villagers of lahanda. Mr. Maheshwar Mahanta, the expert in rice growing, gave a detailed training on rice growing. To kick start the initiative VSN distributed 31 pkts of Hybrid Rice Seeds to the villagers of Lahanda.

The first harvest has just been done, establishing lahanda as one of the first villages in this region to grow rice.

Training programmes on growing winter vegetables and mushrooms have resulted in bumper cultivation of Mustard leaves plant, Potato, Onion, Garlic, Brinjal, Cauliflower, Cabbage and Tomato. The villagers have learnt through the training classes how to get the highest yield through the use of ferlisers and take proper care of plants to keep them disease free.

The seeds were supplied to the villagers to start them as farmers.

The 5th soap making training was held on 1ih August 2013. 22 participants from lahanda, Mutuda and Rupa Sahi.

11 batches of drivers have successfully completed their driving training from the VSN Driving Training School. It is heartening to see young girls also trying their hand to learn to drive. The revolution in the thoughts of the villagers

brings a lot of hope for progress.

Awareness programmes on the debility and fatality of Alcoholism, Aids and Malnutrition are ongoing projects throughout the year.

Srijan Munda who was fitted with a prosthetic leg sponsored by VSN runs a grocery shop at Lahanda Munda Sahi. VSN had helped him to set up his grocery shop after which he has never looked back. His sincerity and hard work is an inspiration for everybody.

The Sewing School rum by VSN has trained 2 batches of 15 women each in the previous year. On completion of a6 month course in cutting and sewing, the students are put through an examination, on passing which, they are handed certificates in case of successful performance. The rate of success is quite high with students passing put with above 80% marks. This employability scheme has been designed to empower women to nelp in running their homes.

## Highlights

The TSIL Managing Director Mr. D.P. Deshpande graced the Lahanda Munda Sahi Primary School as the Chief Guest of a cultural programme on the 15th August 2013, our Independence Day. He was accompanied by Mrs. Madhavi Deshpande, his wife and Senior Mrs. Deshpande, his mother. Mr. Partho Chattopadhyay COO of TSIL and Mr. S.K. Mishra Chief of Finance, TSIL also lent their benign presence on this occasion.




VSN sponsored a friendly FOOTBALL MATCH between the youth of the nearby villages, on 11th August 2013. Birikala Munda Sahi won the Champion's Trophy and Lahanda Munda Sahi was rewarded the Runner-up Trophy.

Mrs. Madhavi Deshpande, Chairperson VSN, was the Chief Guest on the occasion of Children's Day celebration in Shishu Prem Nursery School. A Fancy Dress competition was organized to mark the day. The tiny tots came up with fresh ideas to spread messages to the society. Mrs. Madhavi Deshpande gave away the prizes for Fancy Dress competition, Speech competition and song competition.

The volunteers of Lahanda village along with VSN employees were sent on a field trip to Bhubaneswar and Puri for more information and exposure on the improvement in agriculture and social development. This trip was sponsored by VSN.

A women's Novelty Races was organized by VSN to promote entertainment and camaraderie among the women's SHGs of Lahanda. Events like making leaf containers in 1 minute, throwing balls into the bucket, wearing a Shirt Race and making Floral designs with rice flour batter were some of the games played with energy and fervor by the ladies.

## ଜ୍ଞାନଦୀପର ପ୍ରଜ୍ୱଳନ


ଭି.ଏସ୍.ଏନ୍. ଲହଣ୍ଡା ମୁଣ୍ଡାସାହି ପ୍ରାଇମେରୀ ବିଦ୍ୟାଳୟର ଛାତ୍ରମାନଙ୍କ ମଧ୍ୟରେ ଡ୍ରଇଁ ପ୍ରତିଯୋଗିତା, କୌତୁକ ପୋଷାକ ପ୍ରତିଯୋଗିତା କରିବା କାର୍ଯ୍ୟକ୍ରମ ହାତକୁ ନେଇଛି । ଏହା ଫଳରେ ପିଲାମାନଙ୍କର ସୃଜନଶୀଳତାର ଅଦ୍ଭୁତ ପ୍ରମାଣ ମିଳିଛି ଯାହାକି ଦେଖିଲେ ଆଖି ଖୋସି ହୋଇଯିବ । ପିଲାମାନେ ମହାତ୍ମାଗାନ୍ଧୀ, ଗୋବାଳକ, ବାଘ, ମହାଦେବଙ୍କ ରୂପରେ ଯେପରି ଭାବେ ସଜ୍ଜିତ ହୋଇଥିଲେ, ସେଥିରେ ସେମାନଙ୍କର କଳା ନିପୁଣତାର ସୂଚନା ମିଳେ ।



ଗୁରୁଦିବସ ବହୁ ଆଡ଼ମ୍ବରରେ ପାଳିତ ହୋଇଥିଲା । ଛାତ୍ରମାନେ ଯେପରି ସାରଗର୍ଭକ ଭାଷଣ ଦେଇଥିଲେ ସେଥିରେ ସେମାନଙ୍କର ଗୁରୁଙ୍କ ପ୍ରତି ଭରି ରହିଥିବା ସମ୍ମାନ ଓ କୃତଜ୍ଞତାର ପ୍ରମାଣ ମିଳେ । ଭି.ଏସ୍.ଏନ୍.ର ପୃଷ୍ଠପୋଷକତାରେ ଛୋଟ ଛୋଟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଲହଣ୍ଡା ମୁଣ୍ଡାସାହି ପ୍ରାଥମିକ ବିଦ୍ୟାଳୟ, ଶିଶୁପ୍ରେମ ନର୍ସରୀ ସ୍କୁଲ, ଆଦ୍ୟାଶା ମ୍ୟୁଜିକ୍ ସ୍କୁଲ ଓ ଆମ୍ରପଲ୍ଲୀ ନୃତ୍ୟ ବିଦ୍ୟାଳୟ ଆଦି ଭାଗ ନେଇଥିଲେ । ପ୍ରତିଭା ନିପୁଣ ଛାତ୍ରମାନେ ଏହା ମାଧ୍ୟମରେ ସେମାନଙ୍କ କଳା ଓ ପ୍ରତିଭାର ପରିଚୟ ପିତାମାତା, ଶିକ୍ଷକ ଓ ଗୁରୁଙ୍କୁ ପ୍ରଦାନ କରିଥିଲେ । ଭି.ଏସ୍.ଏନ୍. ଏହା ମାଧ୍ୟମରେ ସମସ୍ତ ଶିକ୍ଷକଙ୍କୁ ପିଲାମାନଙ୍କ ଏହି କୃତି ପାଇଁ ସମ୍ମାନିତ କରିଥିଲା ।



ଯେଉଁଦିନ ମାଷ୍ଟର ଜଗମୋହନ ମୁଣ୍ଡା ଓ ମାଷ୍ଟର ଶଶି ମୁଣ୍ଡା ଓଡ଼ିଶା ସରକାରଙ୍କ ତରଫରୁ ଏକ ବର୍ଷ ପାଇଁ ସ୍କଲାରସିପ୍ ପାଇଲେ ସେହିଦିନ ଲହଣ୍ଡା ମୁଣ୍ଡା ପ୍ରାଇମେରୀ ବିଦ୍ୟାଳୟ ଓ ବିଦ୍ୟା ଶକ୍ତି ନିବାସ ପାଇଁ ବେଶ୍ ଗୌରବର ଦିନ ଥିଲା । ଚମ୍ପୁଆର ଡି.ଆଇ. ଏହି ଛାତ୍ରମାନଙ୍କୁ ସମ୍ମାନିତ କରିଥିଲେ ।




କ୍ରୀଡ଼ା ବିନା ଶିକ୍ଷା ଅସମାପ୍ତ । ଭି.ଏସ୍.ଏନ୍. ଲହଣ୍ଡା ମୁଣ୍ଡା ସାହି ପ୍ରାଇମେରୀ ବିଦ୍ୟାଳୟର ପିଲାମାନଙ୍କ ପାଇଁ ବାର୍ଷିକ କ୍ରୀଡ଼ା ଦିବସର ଆୟୋଜନ କରିଥିଲା । ପିଲାମାନେ ଅଫୁରନ୍ତ ଆଗ୍ରହ ଓ ଉଦ୍ଦୀପନା ମଧ୍ୟରେ ଦୌଡ଼ କୁଦପ୍ରତିଯୋଗିତାରେ ଭାଗ ନେଇଥିଲେ ।

ଉତ୍ସାହଜନକ କ୍ରୀଡ଼ାଗୁଡ଼ିକ ହେଲା - ୧୦୦ ମି. ଦୌଡ଼ / ପୁଅ-ଝିଅଙ୍କ ପାଇଁ । ୫୦ମି. ଦୌଡ଼ - ପୁଅ/ଝିଅଙ୍କ ପାଇଁ, ଲଙ୍ଗଜମ୍ପ୍ ପୁଅ/ଝିଅଙ୍କ ପାଇଁ, ହାଇଜମ୍ପ - ପୁଅଝିଅଙ୍କ ପାଇଁ, ପୁଚି ଖେଳ ପ୍ରତିଯୋଗିତା ପୁଅଙ୍କ ଭିତରେ ଅନ୍ଧ ପୁଚୁଳି ପ୍ରତିଯୋଗିତା, ମ୍ୟୁଜିକାଲ୍ ଚେୟାର - ଝିଅଙ୍କ ଭିତରେ ବିଜେତାମାନଙ୍କୁ ପ୍ରାଇଜ୍ ଓ ଟ୍ରଫି ପ୍ରଦାନ କରାଯାଇଥିଲା ।

ଶିକ୍ଷାଗତ ସହାୟତ ପାଇଁ ଟେବୁଲ, ଚୌକି, ମ୍ୟାପ୍, ପୁସ୍ତକ । ଅଭିଧାନ, ଗ୍ଲୋବ, ଚକ୍, ଡଷ୍ଟର, ଷ୍ଟିଲ୍ ଆଲମିରା ଇତ୍ୟାଦି ଲହଣ୍ଡା ପ୍ରାଇମେରୀ ସ୍କୁଲ, ମୁଣ୍ଡାସାହି, ବିରିକଳା ଏମ୍.ଇ. ସ୍କୁଲ, ବିରିକଳା ପ୍ରାଇମେରୀ ସ୍କୁଲ, ମୁଟୁଣ୍ଡା ଅଙ୍ଗନୱାଡ଼ି ଓ ଲହଣ୍ଡା ମିନି ଅଙ୍ଗନୱାଡ଼ି ସ୍କୁଲକୁ ଯୋଗାଇ ଦିଆଯାଇଥିଲା ।

## ସ୍ୱାସ୍ଥ୍ୟ ଆଲୋଚନା

ଗ୍ରାମ୍ୟ ସ୍ୱାସ୍ଥ୍ୟ ଓ ପରିମଳକୁ ଭି.ଏସ୍.ଏନ୍.ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହିଥିଲା । ଗତବର୍ଷ ପ୍ରାୟ ୪୮ଟି ମେଡିକାଲ କ୍ୟାମ୍ପସ୍ ଅରବିନ୍ଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରାୟ ୨୫୦୦ ରୋଗୀଙ୍କୁ ଚିକିତ୍ସା କରାଯାଇଥିଲା ଓ ସେମାନଙ୍କୁ ମାଗଣା ଔଷଧ ଯୋଗାଇ ଦିଆଯାଇଥିଲା ।

ନିୟମିତ ଭାବେ ମେଡ଼ିକାଲ ସାବୁନ, ନଡ଼ିଆ ତେଲ, ସଫା କରିବା ସାବୁନ କାଳିଆ ବେଦା ଅଙ୍ଗନୱାଡ଼ି, ଲହଣ୍ଡା ଅଙ୍ଗନୱାଡ଼ି, ଲହଣ୍ଡା ମୁଣ୍ଡାସାହି ରୂପସାହି ଅଙ୍ଗନୱାଡ଼ିକୁ ଯୋଗାଇ ଦିଆଯାଇଥିଲା ଯାହାର ଉଦ୍ଦେଶ୍ୟ ଥିଲା ନିଜକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବା ।

ଭି.ଏସ୍.ଏନ୍. ତରଫରୁ ଚୂଡ଼ାଗୁଡ ଖାଦ୍ୟ ପାଖାପାଖି ଅଙ୍ଗନୱାଡ଼ି ପିଲାମାନଙ୍କୁ ଯୋଗାଇ ଦିଆଯାଇଥିଲା । ସେମାନଙ୍କର ସ୍ୱାସ୍ଥ୍ୟ ଓ ଶାରୀରିକ ବୃଦ୍ଧି ନିମନ୍ତେ ଏହା ଉଦ୍ଦିଷ୍ଟ ଥିଲା । ମାଆମାନଙ୍କର ଶାରୀରିକ ସୁରକ୍ଷା ନିମନ୍ତେ ପରିବାର କଲ୍ୟାଣ କ୍ୟାମ୍ପ ଆୟୋଜିତ ହୋଇଥିଲା । ପରିବାରରେ ନିୟମିତ ବ୍ୟବଧାନ ରଖିବା ନିମନ୍ତେ ଭି.ଏସ୍.ଏନ୍. ଗର୍ଭନିରୋଧକ ବଟିକା ମଧ୍ୟ ଯୋଗାଇ ଦେଇଥିଲା । ଏହା ବେଶ୍ ଖୁସି ଓ ଆନନ୍ଦର କଥା ଯେ ପ୍ରାୟ ୧୦୦ ପାଖାପାଖି ସ୍ତ୍ରୀଲୋକ ପରିବାର ନିୟନ୍ତ୍ରଣ ଯୋଜନାର ଅନ୍ତର୍ଭୁକ୍ତ ହୋଇ ସୁଖୀ ଜୀବନ କଟାଉଛନ୍ତି ।

ତୃତୀୟ ଗ୍ରାମୀଣ ଶିଶୁ କଲ୍ୟାଣ ପ୍ରତିଯୋଗିତା ୧୧ ଜାନୁଆରୀ ୨୦୧୪ରେ ଅନୁଷ୍ଠିତ ହୋଇଥିଲା । ଲହଣ୍ଡା ମୁଣ୍ଡାସାହିର କମ୍ୟୁନିଷ୍ଟି କେନ୍ଦ୍ରରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଡଃ. ଭାରତୀ ବେହେରା, ଟି.ଏସ୍.ଆଇ.ଏଲ୍.ର, ମେଡ଼ିକାଲ କନ୍‌ସଲଟାଣ୍ଟ ଏହି ଶିଶୁ ପ୍ରଦର୍ଶନୀରେ ପୌରହିତ୍ୟ କରିଥିଲେ । ଉଚ୍ଚତା, ଓଜନ ଓ ମାନସିକ ଉନ୍ନତିକୁ ଭିତ୍ତି କରି ୩ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ବଛା ଯାଇଥିଲା । ଏଥିରେ ପ୍ରାୟ ୧୫୭ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ଓ ସେଥିରୁ ୬୮ ଜଣ ପିଲା ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲେ । ଏହି ବାର୍ଷିକ କାର୍ଯ୍ୟକ୍ରମ ଫଳରେ ପିଲାମାନଙ୍କର ସର୍ବୋତ ଉନ୍ନତି ସମ୍ଭବପର ହୋଇପାରିଥିଲା ।

## ଏଣ୍ଟରପ୍ରାଇଜ

ବର୍ତ୍ତମାନ ଲହଣ୍ଡା ଏକ ଧାନ ଉତ୍ପାଦନକାରୀ ଅଂଚଳ ରୂପେ ପରିଗଣିତ ହେଲାଣି । ଭି.ଏସ୍.ଏନ୍. ଲହଣ୍ଡା ଗ୍ରାମବାସୀଙ୍କ ପାଇଁ ଏକ ହାଇବ୍ରିଡ଼୍ ଧାନ ପାଇଁ ଟ୍ରେନିଂର ଆୟୋଜନ କରିଥିଲେ । ଶ୍ରୀଯୁକ୍ତ ମହେଶ୍ୱର ମହନ୍ତ, ଜଣେ ଅଭିଜ୍ଞ ବିଶେଷଜ୍ଞ କିପରି ଏହି ଧାନର ପ୍ରୟୋଗରେ ଧାନ ଉତ୍ପାଦନ କରାଯାଇ ପାରିବ ତାହା ଉପରେ ବିସ୍ତୃତ ଆଲୋଚନା କରି ଟ୍ରେନିଂ ପ୍ରଦାନ କରିଥିଲେ । ଏକ ଉଦ୍ୟମମୂଳକ ପରୀକ୍ଷା ପାଇଁ ୩୧ ଗୋଟି ହାଇବ୍ରିଡ଼୍ ଧାନ ମଞ୍ଜି ପ୍ୟାକେଟ୍ ଲହଣ୍ଡା ଗ୍ରାମବାସୀଙ୍କୁ ଦିଆଯାଇଥିଲା । ଏହାର ପ୍ରାରମ୍ଭିକ ଅମଳ ହୋଇଯାଇଛି । ଯାହା ଫଳରେ ଲହଣ୍ଡା ଏପ୍ରକାର ଧାନ ଉତ୍ପାଦନରେ ପ୍ରଥମ ସ୍ଥାନ ଅଧିକାର କରିଛି । ଶୀତକାଳୀନ ପରିବା ଚାଷ, ଛତୁ ଚାଷ ନିମନ୍ତେ ଟ୍ରେନିଂ କାର୍ଯ୍ୟକ୍ରମ ଉତ୍ସାହପ୍ରଦଫଳ ଆଣିଦେଇଛି । ଆଳୁ, ରସୁଣ, ବାଇଗଣ, ଫୁଲକୋବି, ବନ୍ଧାକୋବି, ବିଲାତି ବାଇଗଣ ଇତ୍ୟାଦିର ଉତ୍ପାଦନ ଏ ଦିଗରେ ଏକ ସଫଳ ପଦକ୍ଷେପ । ଟ୍ରେନିଂ କାର୍ଯ୍ୟକ୍ରମ ଜରିଆରେ ସାର ପ୍ରୟୋଗ ଓ ଗଛର ଉପଯୁକ୍ତ ଯତ୍ନ ନେବା ଦ୍ୱାରା କିପରି ଅଧିକ ଅମଳ କରିହେବ ତାହା ଗ୍ରାମବାସୀମାନେ ଶିକ୍ଷା କରିଥିଲେ । ଗ୍ରାମବାସୀମାନଙ୍କୁ ବିହନ ଯୋଗାଇ ଦେବାର ମୂଳ ଲକ୍ଷ୍ୟ ଥିଲା ସେମାନଙ୍କୁ ଚାଷୀ ରୂପେ ଗଢ଼ି ତୋଳିବା । ୧୧ ଗଅଷ୍ଟ ୨୦୧୩ରେ ପଞ୍ଚମ ସାବୁନ ତିଆରି ଟ୍ରେନିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ୨୨ ଜଣ ପ୍ରତିଯୋଗୀ ଲହଣ୍ଡା, ମୁଟୁଡ଼ା ଓ ରୂପ ସାହିରୁ ଭାଗ ନେଇଥିଲେ ।

ଭି.ଏସ୍.ଏନ୍.ର ଡ୍ରାଇଭିଂ ଟ୍ରେନିଂ ସ୍କୁଲରୁ ୧ ୧ ଟି ବ୍ୟାଚ୍ ଡ୍ରାଇଭର୍ ସଫଳତାର ସହ ଡ୍ରାଇଭିଂ ଟ୍ରେନିଂ ସମାପ୍ତ କରିଥିଲେ । ଏହା ଆନନ୍ଦର କଥା ଯୁବତୀମାନେ ଏହି ଡ୍ରାଇଭିଂ ଶିକ୍ଷା ଲାଭ କରିବା ପାଇଁ ଆଗ୍ରହର ହାତ ବଢ଼ାଇଥିଲେ । ଏହି ପରିବର୍ତ୍ତନର ଆବହାୱା ଗ୍ରାମବାସୀମାନଙ୍କର ଉନ୍ନତି କଳ୍ପେ ଉଦ୍ଦିଷ୍ଟ । ବର୍ଷସାରା ଜନଜାଗରଣ କାର୍ଯ୍ୟକ୍ରମ ଫଳରେ ମଦ୍ୟପାନର ମରାତ୍ମକତା ବିଷୟରେ ଲୋକମାନେ ଜାଣିପାରୁଛନ୍ତି ।




ଖୁବ୍ ଆନନ୍ଦର କଥା ଯେ କୃତ୍ରିମ ଗୋଡ଼ ଲଗାଇଥିବା ଶ୍ରୀଜନ ମୁଣ୍ଡା ଭି.ଏସ୍.ଏନ୍.ର ଅବଦାନ ଫଳରେ ଏବେ ଲହଣ୍ଡାରେ ଏକ ତେଜରାତି ଦୋକାନ କରି ଚଳାଉଛନ୍ତି । ଭି.ଏସ୍.ଏନ୍. ଏହି ତେଜରାତି ଦୋକାନ କରିବା ପରେ ସେ ପଛକୁ ନଚାହିଁ ଆଗକୁ ମାଡ଼ି ଚାଲିଛନ୍ତି । ବାସ୍ତବରେ ତାଙ୍କର କଠୋର ପରିଶ୍ରମ ଓ କର୍ମନିଷ୍ଠା ପ୍ରତ୍ୟେକଙ୍କ ପାଇଁ ଏକ ଅନୁପ୍ରେରଣାର ଉତ୍ସ ।

ସେପରି ଭି.ଏସ୍.ଏନ୍.ର ଆନୁକୂଲ୍ୟରେ ଅନୁଷ୍ଠିତ ସିଲେଇ ବିଦ୍ୟାଳୟ ପ୍ରତିବର୍ଷ ୧ ୫ ଜଣ ସ୍ତ୍ରୀଙ୍କୁ ସିଲେଇ ଶିଖାଇଲାଣି । ୨ ଟି ବ୍ୟାଚ୍ ଏହା ଭିତରେ ଯାଇସାରିଲେଣି । ଛଅ ମାସିଆ କାର୍ଯ୍ୟକ୍ରମରେ କାଟିବା ଓ ସିଲେଇ କରିବା ଅନ୍ତର୍ଭୁକ୍ତ । ଶିକ୍ଷା ଶେଷରେ ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷା କରାଯାଏ ଓ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଏ । ପ୍ରାୟ ଶତକଡ଼ା ୮ ୦ ମାର୍କ ରଖି ପିଲାମାନେ ସଫଳତାର ସହ ଉତ୍ତୀର୍ଣ୍ଣ ହେଉଛନ୍ତି । ଏହା ଫଳରେ ସ୍ତ୍ରୀଲୋକମାନେ ନିଜ ପରିବାର ଚଳାଇବାର ପଥ ଖୋଲିଯାଏ ।

## ବିଶେଷ ଆକର୍ଷଣ

ଟି.ଏସ୍.ଆଇ.ଏଲ୍.ର ମ୍ୟାନେଜିଂ ଡାଇରେକ୍ଟର ଶ୍ରୀ ପି. ଦେଶପାଣ୍ଡେ ୨ ୦ ୧ ୩ ମସିହା ଅଗଷ୍ଟ ୧ ୫ ଦିନ ମୁଖ୍ୟ ଅତିଥି ରୂପେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଏହି ସ୍ୱାଧୀନତା ଦିବସ ଦିନ ତାଙ୍କ ସହିତ ତାଙ୍କ ପତ୍ନୀ ମାଧବୀ ଦେଶପାଣ୍ଡେ ଓ ମାତା ଶ୍ରୀମତୀ ଦେଶପାଣ୍ଡେ, ଶ୍ରୀ ପାର୍ଥ ଚଟୋପାଧ୍ୟାୟ, ବିତ୍ତୀୟ ମୁଖ୍ୟ ଏସ୍.କେ. ମିଶ୍ର ଇତ୍ୟାଦି ଯୋଗ ଦେଇ ଗୌରବାନ୍ୱିତ କରିଥିଲେ । ଭି.ଏସ୍.ଏନ୍. ତରଫରୁ ଏକ ଫୁଟବଲ୍ ମ୍ୟାଚର ଆୟୋଜନ କରାଯାଇଥିଲା । ଏହି ମ୍ୟାଚରେ ପାଖ ଗ୍ରାମର ଗ୍ରାମବାସୀ ଯୋଗ ଦେଇଥିଲେ । ମ୍ୟାଚଟି ୧ ୧ ଅଗଷ୍ଟ ୨ ୦ ୧ ୩ ଦିନ ଅନୁଷ୍ଠିତ ହୋଇଥିଲା । ଚମ୍ପିଆନ୍ ଟ୍ରଫି ବିରିକଳା ମୁଣ୍ଡାସାହି ପାଇଥିବା ବେଳେ ଲହଣ୍ଡା ମୁଣ୍ଡାସାହି ରନର୍ସ ଅପ୍ ଟ୍ରଫି ଲାଭ କରିଥିଲା । ଭି.ଏନ୍.ଏନ୍.ର ଚେୟାରପର୍ସନ୍ ଶ୍ରୀମତୀ ମାଧବୀ ଦେଶପାଣ୍ଡେ ଶିଶୁ ପ୍ରେମ ନର୍ସରୀ ସ୍କୁଲର ଶିଶୁ ଦିବସ

ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଉପଲକ୍ଷେ କୌତୁକ ପୋଷାକ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା । କୁନିକୁନି ପିଲାମାନେ ରଙ୍ଗବେରଙ୍ଗ ପୋଷାକରେ ସମାଜକୁ ନୂତନ ସନ୍ଦେଶ ଦେଇଥିଲେ । ଶ୍ରୀମତୀ ମାଧବୀ ଦେଶପାଣ୍ଡେ ବକ୍ତୃତା ପ୍ରତିଯୋଗିତା, ସଙ୍ଗୀତ ପ୍ରତିଯୋଗିତା, କୌତୁକ ପ୍ରତିଯୋଗିତା ପାଇଁ ପୁରସ୍କାର ପ୍ରଦାନ କରିଥିଲେ ।

କୃଷି କ୍ଷେତ୍ର ଓ ସାମାଜିକ କ୍ଷେତ୍ରରେ ଉନ୍ନତି ପାଇଁ ଭି.ଏସ୍.ଏନ୍.ର କର୍ମଚାରୀଙ୍କ ସହ ଲହଣ୍ଡା ଗ୍ରାମର କିଛି ସ୍ୱେଚ୍ଛାସେବୀ ଭୁବନେଶ୍ୱର ଓ ପୁରୀ ବୁଲି ଆସିଥିଲେ ।

ଲହଣ୍ଡାର ମହିଳା ସ୍ୱୟଂସେବୀ ଗ୍ରୁପ୍‌ଙ୍କ ମଧ୍ୟରେ ଏକ ମହିଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ୧ ମିନିଟ୍ ମଧ୍ୟରେ ପତ୍ରଠୋଲା ତିଆରି, ବାଲଟି ଭିତରକୁ ବଲ୍ ପକାଇବା, ଫୁଲରେ ସଜାଇବା, ସାର୍ଟ ପିନ୍ଧିବା ଆଦି ଖେଳ ମହିଳାମାନେ ଖେଳି ଆନନ୍ଦ ଉପଭୋଗ କରିଥିଲେ ।









Printed by ***Impress***, Cuttack
Please send your comments, suggestions & contributions in English/Hindi/Oriya to:
Mrs.Sammita Mohanty, B-12, TSIL Township, Bileipada, Keonjhar, Odisha – 758 034, Phone: 9437197284
Editor : **Sammita Mohanty** Layout & Design : **Chandrakanta**